# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ---୬୬୬----/ସୂ.ଲୋ.ସଂ, ---୨୯/୦୯/୨୦୧୮---

**ରାଜ୍ୟ ଯୁବ କଲ୍ୟାଣ ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ଢେଙ୍କାନାଳ ଗସ୍ତ**

ଢେଙ୍କାନାଳ, ତା ୨୯।୯।୨୦୧୮ରିଖ:- ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ନିର୍ବାହୀ ଅଧ୍ୟକ୍ଷ ଶ୍ରୀ ଅଶୋକ ମୋହନ ପଟ୍ଟନାୟକ ଆଜି ପୂର୍ବାହ୍ନରେ ଢେଙ୍କାନାଳ ଗସ୍ତରେ ଆସି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଜୁ ଯୁବ ବାହିନୀ ସ୍ୱେଚ୍ଛାସେବୀମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଛନ୍ତି।

ଢେଙ୍କାନାଳ ଜିଲ୍ଲାରେ ୧୫ରୁ ୩୫ ବର୍ଷ ବୟସ୍କ ମଧ୍ୟରେ ଶତକଡ଼ା ୩୦ ଭାଗ ଯୁବ ବାହିନୀ ଗଠିତ ହେବା ଦରକାର। ଏହି ଯୁବ ବାହିନୀରେ ଅଳ୍ପ ୪୦ ହଜାର ଯୁବକ ନିଶା ସେବନ ନ କରିବା ପାଇଁ ଶପଥ ନେବେ। ବିଜୁ ଯୁବ ବାହିନୀର ସମସ୍ତ ଯୁବକଙ୍କୁ କେବଳ ମୁଣ୍ଡପିଛା ୧୦୦ଟଙ୍କା ଦିଆଯାଉଥିବା ବେଳେ, ସେମାନେ ନିଜ ହାତରୁ ଅଧିକ ଅର୍ଥ ଖର୍ଚ୍ଚ କରି ସବୁଜୀକରଣ, ନିଶାମୁକ୍ତ ଓ ରକ୍ତଦାନ ଭଳି ଜନକଲ୍ୟାଣକାରୀ କାମ କରିଆସୁଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନାକୁ ଆଗେଇ ନେବାରେ ବିଜୁ ଯୁବବାହିନୀର ସ୍ୱେଚ୍ଛାସେବୀମାନେ ଆଗେଇ ଆସିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ବାରବାଟି ଷ୍ଟାଡ଼ିୟମରେ ୪୦୦୦୦ ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ କନକ୍ଲେଭ ଆୟୋଜନ ହେବା ଯୋଜନା ରହିଥିବା ସେ ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ। ବିଜୁ ଯୁବବାହିନୀ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରାଜ୍ୟରେ ୩୫ ଲକ୍ଷ ବୃକ୍ଷରୋପଣ କରାଯିବ। କୌଣସି ସ୍ୱେଚ୍ଛାସେବୀ କିଛି ଭଲ କାମ କରିବାକୁ ଚାହୁଁଥିଲେ, ସେ ମୋ ମୋବାଇଲ ନମ୍ବର ୨୨୪୭୪୫୬୭୪୦ରେ ଯୋଗାଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ଢେଙ୍କାନାଳ ଜିଲ୍ଲାରେ ରାଜ୍ୟ ଯୁବ କଲ୍ୟାଣର ଲକ୍ଷ୍ୟରୁ ୨୨୮ କାର୍ଯ୍ୟକାରୀ ହୋଇଛି। ୭୬୪୬ ସ୍ୱେଚ୍ଛାସେବୀଙ୍କୁ ଆମେ ଢେଙ୍କାନାଳ ଜିଲ୍ଲା ପାଇଁ ପ୍ରସ୍ତୁତ କରିଛୁ। ସବୁ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ

ଶିକ୍ଷା ପାଇଁ ଆମେ ସ୍ୱତନ୍ତ୍ରଭାବେ ୨୪୨ ପିଲାଙ୍କୁ ସାମିଲ କରିଛୁ । ଆସନ୍ତା ଅକ୍ଟୋବର ୦୨ ଗାନ୍ଧି ଜୟନ୍ତୀ ଦିନରୁ ଆମେ "ନିଶାମୁକ୍ତ" ବୋଲି ଶପଥ ନେବା । ନଭେମ୍ବର ଓ ଡିସେମ୍ବର ମାସରେ ଜିଲ୍ଲାରେ ପ୍ଲାଷ୍ଟିକ ଓ ପଲିଥିନକୁ ନିଷେଧ କରାଯିବା ପାଇଁ ଅଭିଯାନ ଆରମ୍ଭ କରାଯିବ ବୋଲି ଶ୍ରୀ କଲ୍ୟାଣ ପ୍ରକାଶ କରିଥିଲେ । ସମସ୍ତ ନିୟମ କାନୁନ ମାଧ୍ୟମରେ ଜିଲ୍ଲାରେ ଭଲକାମ କରାଯିବ ।

ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାୟକ ଆମ ଯୁବବାହିନୀ ଆଗାମୀ ଦିନର ଭବିଷ୍ୟତ, ସେମାନେ ପ୍ରେରଣା ପାଇଲେ ଜିଲ୍ଲାରେ ସମସ୍ତ ସମସ୍ୟା ଖୁବ୍ ଶୀଘ୍ର ସମାଧାନ ହୋଇଯିବ । ଲକ୍ଷ୍ମୀପୂଜା, ଦୋଳ ମେଳା ଓ କପିଳାସ ଶିବରାତ୍ରିରେ ଆମ ଯୁବବାହିନୀରେ ସାମିଲ କରାଯିବା ଆବଶ୍ୟକ ବୋଲି କହିଥିଲେ । ଯୁବତୀମାନଙ୍କୁ ମଧ୍ୟ ଏହି ବାହିନୀରେ ସାମିଲ କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ ।

ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଓ ସଂପୃକ୍ତ ବିଭାଗର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ ।

— x —

ହେମନ୍ତ କୁମାର ନାୟକ
୨୮/୮/୨୦୧୫
ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ